# 10th meeting of the BIMSTEC Joint Working Group on Counter Terrorism and Transnational Crime (JWG-CTTC)

January 12, 2023

## ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ମୁକାବିଲା ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀର (ଜେଡବ୍ଲୁଜି-ସିଟିଟିସି) ଦଶମ ବୈଠକ

**ଜାନୁଆରୀ 12, 2023**

ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ମୁକାବିଲା ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀର (ଜେଡବ୍ଲୁଜି-ସିଟିଟିସି) ଦଶମ ବୈଠକ 12 ଜାନୁଆରୀ 2022 ରେ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି।  ଏହି ବୈଠକରେ ସମସ୍ତ ବିମସଟେକ୍ ସଦସ୍ୟ ରାଷ୍ଟ୍ର ଯଥା ବାଙ୍ଗଲାଦେଶ, ଭୁଟାନ, ଭାରତ, ମିଆଁମାର, ନେପାଳ, ଶ୍ରୀଲଙ୍କା ଏବଂ ଥାଇଲ୍ୟାଣ୍ଡର ପ୍ରତିନିଧି ଦଳ ଯୋଗ ଦେଇଛନ୍ତି।

ଏହି ବୈଠକର ଉଦ୍ଘାଟନୀ ଅଧିବେଶନକୁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ସଞ୍ଜୟ ବର୍ମା ସମ୍ବୋଧିତ କରିଥିଲେ।  ଦକ୍ଷତା ବୃଦ୍ଧି, ସୂଚନା ଆଦାନ ପ୍ରଦାନ, ପ୍ରତ୍ୟର୍ପଣ ଏବଂ ଆଇନଗତ ସହାୟତା କ୍ଷେତ୍ରରେ ବର୍ଦ୍ଧିତ ସହଯୋଗ ମାଧ୍ୟମରେ ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ମୁକାବିଲା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକର ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ଆତଙ୍କବାଦର ମୁକାବିଲା ବିଭାଗର ଯୁଗ୍ମ ସଚିବ ଶ୍ରୀ ମହାବୀର ସିଙ୍ଘଭି ଅଧ୍ୟକ୍ଷତା କରିଥିଲେ।

ବିମସଟେକ୍ ଫ୍ରେମୱର୍କରେ ସୁରକ୍ଷା ସ୍ତମ୍ଭ ପାଇଁ ଭାରତ ହେଉଛି ଅଗ୍ରଣୀ ଦେଶ। ସୁରକ୍ଷା ସ୍ତମ୍ଭ ଅଧୀନରେ, ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ମୁକାବିଲା ଉପରେ ବିମସଟେକ୍ ମିଳିତ କାର୍ଯ୍ୟଗୋଷ୍ଠୀ (ଜେଡବ୍ଲୁଜି-ସିଟିଟିସି) ର ମେକାନିଜିମ ଛଅଟି ଉପ-ଗୋଷ୍ଠୀର କାର୍ଯ୍ୟ ତଦାରଖ କରେ ଯଥା (କ) ଗୁପ୍ତ ସୂଚନା ପ୍ରଦାନ (ଖ) ଆଇନଗତ ଓ ଆଇନ ପ୍ରବର୍ତ୍ତନ (ଗ) ଉଗ୍ରବାଦ ଓ ଆତଙ୍କବାଦର ମୁକାବିଲା ଏବଂ (ଘ) କଳାଧନର ବିରୋଧ ଏବଂ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣର ମୁକାବିଲା (ଇ) ମାନବ ଚାଲାଣ ଏବଂ (ଚ) ନିଶାଦ୍ରବ୍ୟ, ସାଇକୋଟ୍ରୋପିକ୍ ପଦାର୍ଥ ଏବଂ ନିଶାଦ୍ରବ୍ୟ ପ୍ରସ୍ତୁତି ପାଇଁ ରାସାୟନିକ ପଦାର୍ଥ।

ଏହି ବୈଠକରେ ବିମସଟେକ୍ ଅଞ୍ଚଳରେ ସୁରକ୍ଷା ପ୍ରତି ପାରମ୍ପାରିକ ତଥା ଉଦୀୟମାନ ଅଣ ପାରମ୍ପାରିକ ବିପଦ ଉପରେ ଆଲୋଚନା କରାଯାଇଥିଲା। ଏହି ଅଞ୍ଚଳରେ ଆତଙ୍କବାଦ ଓ ଅନ୍ତର୍ଦେଶୀୟ ଅପରାଧର ମୁକାବିଲା କରିବା ପାଇଁ ସହଯୋଗ ଓ ସହଭାଗିତା ବୃଦ୍ଧି କରିବା ପାଇଁ ଅଂଶଗ୍ରହଣକାରୀମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଓ ସୁପାରିଶ କରିଥିଲେ।

ଏହି ବୈଠକରେ ବିଭିନ୍ନ ଉପ-ଗୋଷ୍ଠୀର ବୈଠକର ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା ଏବଂ ଏହାକୁ ଅନୁମୋଦନ କରାଯାଇଥିଲା। ପ୍ରତିନିଧିମାନେ ଆନ୍ତର୍ଜାତିକ ଆତଙ୍କବାଦ, ଅନ୍ତର୍ଦେଶୀୟ ସଂଗଠିତ ଅପରାଧ ଏବଂ ଅବୈଧ ନିଶା କାରବାର ବିରୋଧରେ ସହଯୋଗ ପାଇଁ ବିମସଟେକ୍ ଚୁକ୍ତିନାମା କାର୍ଯ୍ୟକାରୀ କରିବାର ବିଭିନ୍ନ ଦିଗ ଉପରେ ମଧ୍ୟ ଚର୍ଚ୍ଚା କରିଥିଲେ। ଏହି ଚୁକ୍ତିନାମା ସମସ୍ତ ସଦସ୍ୟ ରାଷ୍ଟ୍ରଗୁଡିକର ଅନୁମୋଦନ ପରେ 16 ମାର୍ଚ୍ଚ 2021 ରେ ଲାଗୁ ହୋଇଥିଲା।

ଏହି ବୈଠକରେ ସିଟିଟିସି ସହଯୋଗ, ସୂଚନା ବଣ୍ଟନ ବ୍ୟବସ୍ଥା ଏବଂ ବିମସଟେକ୍ ଦେଶଗୁଡିକ ପାଇଁ ଦକ୍ଷତା ବୃଦ୍ଧି ପାଇଁ ସଂସ୍ଥାଗତ ମେକାନିଜିମ ଉପରେ ଆଲୋଚନା କରାଯାଇଥିଲା।

**ନୂଆଦିଲ୍ଲୀ**

**ଜାନୁଆରୀ 12, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.